ଧରିତ୍ରୀ
ତାରିଖ:୧୬.୧୧.୨୦୨୪

# ‘ପୁସ୍ତକ ଅଧ୍ୟୟନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧିହୁଏ’

## ବିଆଇଟିଏମରେ ପୁସ୍ତକ ପ୍ରଦର୍ଶନୀ



ଭୁବନେଶ୍ୱର (ବ୍ୟୁରୋ) : ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଆମ୍ଭେମାନେ ଯେତେ ପଢିବା ସେତେ ଜ୍ଞାନ ଆହରଣ କରି ପାରିବା। କୌଣସି ଶ୍ରେଣୀରେ ପଢିବା ବେଳେ ଆମେ ନିର୍ଦ୍ଦିଷ୍ଟ ବିଷୟ ଭିତ୍ତିକ ପୁସ୍ତକ ଅଧ୍ୟୟନ ଉପରେ ଧ୍ୟାନ ଦେଇଥାଉ। ତେଣୁ ଜ୍ଞାନର ପରିସୀମା ସୀମିତ ହୋଇ ରହିଯାଏ। ଏହା ବ୍ୟତିତ ଆମ୍ଭମାନେ ଯେତେ ମାତ୍ରାରେ ଅନ୍ୟାନ୍ୟ ପୁସ୍ତକ ପଢିବା ଜ୍ଞାନର ପରିସୀମା ସେତେ ବୃଦ୍ଧି ଘଟିବ ବୋଲି ଆଜି ପଟିଆ ସ୍ଥିତ ବିଆଇଟିଏମ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ଡା ମିହିର ରଞ୍ଜନ ନାୟକ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରନ୍ଥାକାରକ ବୀର କିଶୋର ସେଠୀଙ୍କ ତତ୍ୱାବଧାନରେ ବିଆଇଟିଏମ ପରିସରରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଡିନ୍ ଡ. ଚିନ୍ମୟ କୁମାର ଦାଶ ଯୋଗଦେଇ କହିଥିଲେ ପୁସ୍ତକକୁ ଭଲ ସାଥୀ ଟିଏ କଲେ ଛାତ୍ରଛାତ୍ରୀ ଜ୍ଞାନୀ, ଗୁଣୀ ଓ ବିଜ୍ଞ ହୋଇ ପାରିବେ। ବର୍ତ୍ତମାନର ଦ୍ରୁତ ପ୍ରଗତି ଡିଜିଟାଲ ଯୁଗରେ ବିଦ୍ୟାର୍ଥୀମାନେ ଡିଜିଟାଲ ଅଧ୍ୟୟନରେ ଲିପ୍ତ ରହୁଛନ୍ତି। ଏହି କ୍ଷଣସ୍ଥାୟୀ ପ୍ରକ୍ରିୟାରେ କିଛି ଛାତ୍ରଛାତ୍ରୀ ସଫଳ ହେଉଥିଲେ ମଧ୍ୟ ପରେ ପାଠ ଭୁଲି ଯିବାର ଦେଖା ଯାଉଛି। ତେଣୁ ଡିଜିଟାଲ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକକୁ ଆପଣାର କରିବା ସହିତ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ। ଏହି ପୁସ୍ତକ ପ୍ରଦର୍ଶନୀରେ ହଜାର ହଜାର ସଂଖ୍ୟରେ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦାନ କରି ପୁସ୍ତକ ଅଧ୍ୟୟନ କରିଥିଲେ।